## ସଂକ୍ଷେପରେ

### ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟକାରୀ ବୈଠକ

ବ୍ରହ୍ମପୁର ଅଫିସ୍,୨୩ା୫: ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଗଞ୍ଜାମ ଜିଲା କାର୍ଯ୍ୟକାରୀ କମିଟି ବୈଠକ ସୋମବାର ପାର୍କସାହିସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ସଂଘ ଜିଲା ସମ୍ପାଦକ ଅଳକା ନାଥ ମିଶ୍ର ବିବରଣୀ ପାଠ କରିଥିଲେ। ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ପାଢୀଯୋଶୀ ଯୋଗଦେଇ ଗଞ୍ଜାମ ଜିଲାରେ ନିର୍ମାଣ ଶ୍ରମିକ ସଂଘକୁ ଅଧିକ କ୍ରିୟାଶୀଳ କରିବା ସହ ସେମାନଙ୍କ ବିଭିନ୍ନ ଦାବି ହାସଲ ପାଇଁ ବ୍ୟାପକ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲା ସମ୍ପାଦକ ପ୍ରକାଶ ପାତ୍ରଙ୍କ ସମେତ ସତ୍ୟବାଦୀ ସ୍ୱାଇଁ, ଭଗବାନ ରାଉତ, ବିଜୟ ସାମନ୍ତରାୟ, ହରିହର ପାତ୍ର, ସୀମାଞ୍ଚଳ ବାରିକ, ରୋହିତ ବିଶୋୟୀ, କ୍ରିଷ୍ଣା ପାତ୍ର, ରବୀନ୍ଦ୍ର ମହାରଣା, ବି.ଦଣ୍ଡପାଣି ପାତ୍ର ଓ କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୮ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସମ୍ମିଳନୀରେ ଗଞ୍ଜାମ ଜିଲାରୁ ୧୫ ଜଣ ପ୍ରତିନିଧି ଭାବେ ଯୋଗଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

### ମହିଳାଙ୍କ ଅଳଙ୍କାର ଲୁଟ, ୨ ଗିରଫ

ଛତ୍ରପୁର,୨୩ା୫(ଡି.ଏନ୍.ଏ.) ଚମାଖଣ୍ଡି ଥାନା ଅଧୀନ ହରିପୁର -ଆଇଆରଇ ରାସ୍ତାରେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଛିଣ୍ଡାଇ ନେବା ମାମଲାରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରମ୍ଭା ଥାନା ଅଧୀନ ମଧୁରଚୁଆଁ ଗାଁର ସୁନୀଲ କୁମାର ବେହେରା ଓ ଖଲ୍ଲିକୋଟ ଥାନା ଅଧୀନ ଭେଜିପୁଟ ଗାଁର ବିଷ୍ଣୁ ସାହୁ। ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଚମାଖଣ୍ଡି ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ତାଙ୍କ ଠାରୁ ସୁନା ଅଳଙ୍କାର ମଧ ଜବତ କରାଯାଇଛି। ଗତ ଫେବୃୟାରୀ ୧୦ରେ ମେରାଇନ ଥାନା ଅଧୀନ ବଡ଼ ଆର୍ଯ୍ୟପଲି ଗାଁର ଆର. ପ୍ରକାଶ ଓ ତାଙ୍କ ସ୍ତ୍ରୀ ଆର. ଯଶୋଦା ହରିପୁରରୁ ଗାଁକୁ ବାଇକ ଯୋଗେ ଫେରୁଥିଲେ। ବାସନାପୁଟି ପୋଖରୀ ନିକଟରେ ପଛରୁ ପିଛା କରୁଥିବା ବାଇକ୍ ତାଙ୍କ ନିକଟକୁ ଆସିଥିଲା। ସେଥିରେ ବସିଥିବା ସୁନୀଲ ଓ ତାଙ୍କ ଭାଇ ଅନିଲ ଯଶୋଦାଙ୍କ ବେକରୁ ସୁନା ଅଳଙ୍କାର ଛିଣ୍ଡାଇ ନେଇ ଚମ୍ପଟ ମାରିଥିଲେ। ପରେ ସେମାନେ ଛତିଶଗଡ ପଳାଇଥିଲେ। ଦେଢ଼ ମାସ ପରେ ଉଭୟ ଘରକୁ ଫେରିଥିଲେ। ସୁନୀଲ ଉକ୍ତ ସୁନା ଅଳଙ୍କାର କୁ ୮୬ ହଜାର ଟଙ୍କାରେ ଭେଜିପୁଟର ବିଷ୍ଣୁ ଙ୍କୁ ବିକିଥିଲେ। ସୁନୀଲ ଓ ବିଷ୍ଣୁଙ୍କୁ ତାଙ୍କ ଘର ମାନଙ୍କରୁ ପୋଲିସ ଗିରଫ କରିଥିଲେ ଅନ୍ୟ ସମ୍ପୃକ୍ତ ଅନିଲ ଫେରାର ଅଛନ୍ତି ।

### ର୍‍ୟାଗିଂରେ ସମ୍ପୃକ୍ତ ହାଉସ ସର୍ଜନଙ୍କୁ ହଷ୍ଟେଲ ମନା

ବ୍ରହ୍ମପୁର ଅଫିସ,୨୩ା୫- ଆଇମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ର୍‍ୟାଗିଂ କରିଥିବା ସିନିୟର ଛାତ୍ର ତଥା ହାଉସ ସର୍ଜନ ଡା. ବିଶ୍ୱବିକାଶ ସାହୁଙ୍କୁ ଏମ୍‌କେସିଜିରେ ସମସ୍ତ ହଷ୍ଟେଲରେ ପ୍ରବେଶ କଟକଣା ଲଗାଇଛି ଆଣ୍ଟି ର୍‍ୟାଗିଂ କମିଟି। ଏମକେସିଜିର ଅଧ୍ୟକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଣ୍ଟି ର୍‍ୟାଗିଂ କମିଟି ବୈଠକରେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ. ଏମକେସିଜି ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କମିଟିରେ ଡା. ବିଶ୍ୱବିକାଶ ସାହୁଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଏମବିବିଏସ ପଢୁଥିବା କନିଷ୍ଠ ଛାତ୍ରଙ୍କୁ ର୍‍ୟାଗିଂ କରିଥିବା ଜଣାପଡ଼ିବା ପରେ ଡା. ସାହୁଙ୍କ ବିରୋଧରେ ଅଧ୍ୟକ୍ଷ କିଛି ଦିନ ତଳେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ।

# ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସତର୍କତା ନିର୍ଦ୍ଦେଶ : ସିଡିଏମ୍‌ଓ

ବ୍ରହ୍ମପୁର ଅଫିସ,୨୩ା୫



ସମଗ୍ର ବିଶ୍ୱରେ ଏବେ ଏକ ପ୍ରକାର ନୂଆ ଭୂତାଣୁ ବାହିତ ରୋଗ ମଙ୍କି ପକ୍ସକୁ ନେଇ ଆତଙ୍କ ସୃଷ୍ଟି ହେବାରେ ଲାଗିଛି। କରୋନା କମିଥିବା ବେଳେ ମଙ୍କି ପକ୍ସ ରୋଗ ଏକ ନୂଆ ରୂପ ନେଇ ଆସିଛି। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଙ୍କି ପକ୍ସ ଭୂତାଣୁକୁ ନେଇ ଯେଉଁ ଭୟ ସୃଷ୍ଟି ହେଉଛି, ସେଥିପାଇଁ ଏବେଠୁ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରିବା ନେଇ ଏକ ଚିଠି ଆସିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୋମବାର ସୂଚନା ଦେଇଛନ୍ତି।

ଜିଲାରେ ଥିବା ୯୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏ ଦିଗରେ ସତର୍କ ରହିବା ସହ ଲୋକମାନଙ୍କୁ ସଚେତନ କରାଇବାକୁ ଚିଠି ଦ୍ୱାରା ପରାମର୍ଶ ଦେଇଛନ୍ତି ବୋଲି ସେ କହିଛନ୍ତି। ଭାରତରେ ମଙ୍କି ପକ୍ସ ଭୂତାଣୁ ନାହିଁ ହେଲେ ସମସ୍ତେ ସଚେତନ ଓ ସତର୍କ ରହିବାକୁ ହେବ ବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି। ମଙ୍କି ପକ୍ସ ରୋଗ ଏବେ ବିଶ୍ୱର ୧୨ଟି ଦେଶକୁ ବ୍ୟାପିଲାଣି। ଅନ୍ୟପଟେ ମଙ୍କି ପକ୍ସର ସଂକ୍ରମଣ ବୃଦ୍ଧିକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସତର୍କତା ଜାରି କରିଛି। ସଂକ୍ରମଣକୁ ଏଡ଼ାଇବା ଲାଗି ସଂକ୍ରମିତଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଏହି ଭୂତାଣୁ ସଂକ୍ରମଣ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଆସିନାହିଁ। ତେବେ ମେ ୭ ତାରିଖରେ ନାଇଜେରିଆରୁ ଫେରିଥିବା ଜଣେ ଇଂଲଣ୍ଡ ନାଗରିକଙ୍କଠାରେ ଏହି ଭୂତାଣୁ ସଂକ୍ରମଣ ସ୍ପଷ୍ଟ ହୋଇଥିଲା।

### ମଙ୍କି ପକ୍ସକୁ ନେଇ ବଢୁଛି ଭୟ

### ମଙ୍କି ପକ୍ସ ରୋଗ କ'ଣ ?

ମଙ୍କି ପକ୍ସ ଏକ ଅଜଣା ରୋଗ ହୋଇଥିବା ବେଳେ ପ୍ରାଥମିକ ଅନୁସନ୍ଧାନରୁ ଏହା ଏକ ଭୂତାଣୁଜନିତ ରୋଗ ବୋଲି କୁହାଯାଉଛି। ଏହି ରୋଗରେ ସାଧାରଣତଃ ଜ୍ୱର, ମାଂସପେଶୀ ଘୋଳାବିନ୍ଧା, ଦେହରେ ଫୋଟକା ଭଳି ଫଳିଯିବା ଆଦି ଲକ୍ଷଣ ଦେଖାଦେଇଥାଏ। ବେଳେବେଳେ ଏଥିରେ ରୋଗୀଙ୍କ ହାତ ଓ ମୁହଁରେ ଫୋଟକାଗୁଡିକ ଫଳିଯାଇ ଅବସ୍ଥା ଗୁରୁତର ହେବା ସମ୍ଭାବନା ରହିଛି। ସାଧାରଣତଃ ଏହି ରୋଗରେ ସଂକ୍ରମିତ ହୋଇଥିବା ଜଣେ ରୋଗୀଙ୍କ ସଂସ୍ପର୍ଶରେ ସାଧାରଣ ଲୋକ ଆସିଲେ ସେହି ଲୋକଟି ସଂକ୍ରମିତ ହୋଇଥାଏ। ସଂକ୍ରମିତ ମାଙ୍କଡ଼ ଓ ମୂଷା ଭଳି ଜୀବଙ୍କଠାରୁ ଏହା ମଣିଷକୁ ଆକ୍ରାନ୍ତ କରିଥାଏ। ଆମେରିକାର ସେଣ୍ଟର ଫର୍ ଡିସିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ (ସିଡିସି) ଅନୁସାରେ ସଂକ୍ରମିତ ଲୋକଙ୍କ ଶରୀରର ତରଳ ପଦାର୍ଥ ଅଥବା ଘାଆର ଖୋଲାପା ସଂସ୍ପର୍ଶରେ ଆସିଲେ ଯେକୌଣସି ଲୋକଙ୍କୁ ମଙ୍କି ପକ୍ସ ରୋଗ ହୋଇପାରେ। କେତେକ ବିରଳ ଘଟଣାରେ ମଙ୍କି ପକ୍ସ ରୋଗ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଜାଲ୍ ସାର୍ଟିଫିକେଟରେ ଚାକିରି: ଶିକ୍ଷକ ଗିରଫ

ପୁରୁଷୋତ୍ତମପୁର,୨୩ା୫ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ କାକରପାଣି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ମହଙ୍ଗା ପଡ଼ିଛି। ରବିବାର ରାତିରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜପୁର ଗ୍ରାମର ଏସ୍. ଧର୍ମାରାଓ ଦୋରା। ପୋଲିସ ତାଙ୍କୁ ଖୋର୍ଦ୍ଧାରୁ ଗିରଫ କରି ଆଣିବା ପରେ ସୋମବାର କୋର୍ଟ ଚାଲାଣ କରିଥିଲା।

ଶିକ୍ଷକ ଦୋରା ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିଲେ। ଏ ନେଇ ଆଇଆଇଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି, କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ସରକାରଙ୍କ ନିକଟରେ ଦାଖଲ କରି ଶିକ୍ଷକ ଚାକିରି ହାତେଇ କାର୍ଯ୍ୟ କରୁଥିଲେ। ଘଟଣା ସମ୍ପର୍କରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଦଣ୍ଡପାଣି ବେହେରା ଗତ ୨୦୨୧ ଅକ୍ଟୋବର ୧୮ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ନଂ.୫୧୦/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ଅଭିଯୁକ୍ତ ଶିକ୍ଷକ ଏସ୍. ଧର୍ମାରାଓ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ ସେ ଖୋର୍ଦ୍ଧାର ଏକ ସ୍ଥାନରେ ରହିଥିବା ଖବର ମିଳିଥିଲା। ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଖୋର୍ଦ୍ଧା ଯାଇ ସେଠାରୁ ଶିକ୍ଷକ ଦୋରାଙ୍କୁ ଗିରଫ କରିଥିଲା।

# ୨ କ୍ରୀଡ଼ାବିତ୍‌ଙ୍କୁ ପ୍ରଶାସନ ଓ ବୁଦ୍ଧିଜୀବୀଙ୍କ ସହାୟତା

ବ୍ରହ୍ମପୁର ଅଫିସ,୨୩ା୫

ବ୍ରହ୍ମପୁର ସହରର ଦୁଇଜଣ ଉଦୀୟମାନ କ୍ରୀଡ଼ାବିତ ପଞ୍ଚାନନ ସେଠୀ ଓ ଡି. ସନ୍ଦୀପ ପାତ୍ର ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଥାଇଲାଣ୍ଡ ଡାଇମଣ୍ଡ ଷ୍ଟାର ଗେମ୍ସ ଚାମ୍ପିୟନଶିପ୍‌ରେ ୨୦୦ ଓ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। କିନ୍ତୁ ଏଥିରେ ଭାଗନେବା ପାଇଁ ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଉଭୟେ ଚିନ୍ତାରେ ଥିଲେ। ଏ ନେଇ ଗତ ୬ ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବ୍ରହ୍ମପୁର ସହରର ବହୁ ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଉଭୟ କ୍ରୀଡ଼ାବିତ୍‌ଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି।



ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କଠାରୁ ସହାୟତା ରାଶି ଗ୍ରହଣ କରୁଛନ୍ତି ଉଭୟ କ୍ରୀଡ଼ାବିତ୍।

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସହଯୋଗରେ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ମିଳିଛି। ଏହାଛଡ଼ା ବ୍ରହ୍ମପୁର ଫିଜିକାଲ ଏକାଡେମୀ ତଥା ଉଭୟଙ୍କ କୋଚ୍ ସୀମାଞ୍ଚଳ ବାରିକ, ସାମାଜିକ କର୍ମୀ ଏ. ସନ୍ତୋଷ ପାତ୍ର ୨୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ୧୭ ନମ୍ବର ୱାର୍ଡ କର୍ପୋରେଟର ଆର. ପୱନୀ ୫ ହଜାର ଓ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏମାନେ ମେ'୨୪ରୁ ଜତୀୟ ଦଳ ସହ ସାମିଲ ହୋଇ ବ୍ୟାଙ୍କକ୍ ଅଭିମୁଖେ ଯାତ୍ରା କରିବେ।

### ପୋଖରୀରେ ବୁଡ଼ି ଯୁବକ ମୃତ

ଆସିକା,୨୩ା୫(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ରିଷିପୁର ଗ୍ରାମ ପୋଖରୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ନାରାୟଣ ସ୍ୱାଇଁ (୨୯) । ନାରାୟଣ ଗ୍ରାମର ବିଦ୍ୟାଳୟ ସଂଲଗ୍ନ ପୁରୁଣା ବନ୍ଧକୁ ଗାଧୋଇ ଯାଇଥିବା ବେଳେ ପାଣିରେ ବୁଡିଯାଇଥିଲେ । ଅଗ୍ନିଶମ ବାହିନୀ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିବା ପରେ ଆସିକା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ନାରାୟଣଙ୍କ ବଡଭାଇ ସନ୍ତୋଷ କୁମାର ସ୍ୱାଇଁ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହକୁ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି । ନଂ.୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବିଜେଡିକୁ ମୁକାବିଲା କରିବ ଭାଜପା

ବ୍ରହ୍ମପୁର ଅଫିସ,୨୩ା୫

ଗଞ୍ଜାମ ଜିଲା ସମବାୟ ନିର୍ବାଚନରେ ଶାସକ ଦଳ ବିଜେଡିକୁ ମୁକାବିଲା କରିବ ମୁଖ୍ୟ ବିରୋଧୀ ଭାଜପା। ଏହି ସୂଚନା ଦେଇଛନ୍ତି ଜିଲା ଭାଜପା ସଭାପତି ବିଭୂତି ଜେନା। ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ ଦର୍ଶାଇଛନ୍ତି। ଶାସକ ଦଳ ବିଧାୟକ, ଏମ୍‌ପି ଓ ଅନ୍ୟ ନେତାଙ୍କ ପ୍ରସ୍ତୁତି ବୈଠକ ପରେ ଭାଜପା ନେତା ଏହି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଯେଉଁଭଳି ସରକାରୀ ବାବୁମାନଙ୍କ ରଣକୌଶଳରେ ବିଜେଡି ସଫଳତା ପାଇଲା ସେହିପରି ସମବାୟ ନିର୍ବାଚନରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଛି। ସୋସାଇଟି ସମ୍ପାଦକମାନଙ୍କ ଜରିଆରେ ୫ ଶହ ଟଙ୍କିଆ ସଦସ୍ୟ ସଂଗ୍ରହ କରାଯାଇଛି।

### ଗଞ୍ଜାମ ଜିଲା ସମବାୟ ନିର୍ବାଚନ

ରାଜ୍ୟ ସରକାରଙ୍କ କାଳିଆ, ବଳିଆ, ଚାଷୀଙ୍କୁ କୃଷିଋଣ ଲଗାଣ ଆଦି ସମବାୟ ସୋସାଇଟି ଜରିଆରେ କରାଯାଉଛି। ଏଥିରେ ସମ୍ପାଦକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ବିଭିନ୍ନ ଭାବେ ଋଣ ଜାଲିଆତି ହେଉଛି। ଶାସକ ଦଳ ସମର୍ଥିତ ଲୋକେ ସୋସାଇଟି ଓ ସମବାୟ ବ୍ୟାଙ୍କରେ ପଦପଦବୀ ପାଇ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରୋତ୍ସାହିତ କରୁଥିବା ନେଇ ଜେନା ସଂଗିନ ଅଭିଯୋଗ କରିଛନ୍ତି। ଦୁଇବର୍ଷ ଧରି ସମବାୟ ସଂସ୍ଥାଗୁଡ଼ିକ ସରକାରୀ ନିୟନ୍ତ୍ରଣରେ ଥିବା ବେଳେ ଅନେକ ରୁଗ୍‌ଣ ହୋଇଯାଇଛି। ଏଭଳି ସ୍ଥିତିରେ ଏବେ ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ନିର୍ବାଚନରେ ସ୍ୱଚ୍ଛତା ନ ରହିବା ସେ ଆଶଙ୍କା କରିଛନ୍ତି।

ସମବାୟ ଅଫିସରମାନେ ବିଜେଡିର ଚାମ୍‌ଚାଗିରି ନ କରି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଭାଜପା ଜିଲା ସଭାପତି ଦାବି କରିଛନ୍ତି। ନଚେତ ଏହାର ପ୍ରତିବାଦରେ ସବୁଠି ଆନ୍ଦୋଳନ କରାଯିବା ବୋଲି ଚେତାବନୀ ଦେଇଛନ୍ତି। ଭାଜପା ଘୁମୁସର ସାଙ୍ଗଠନିକ ଜିଲାରେ ମଧ୍ୟ ସମବାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ମିଳିଛି। କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ବିଭିନ୍ନ ସମବାୟ ସଂସ୍ଥାରେ ନିର୍ବାଚନ ଲଢ଼ିବା ବାପୁଜୀ ଆଶ୍ରମ ସୂତ୍ରରୁ ସୁରାକ୍ ମିଳିଛି। ତେଣୁ ସମଗ୍ର ଜିଲାରେ ସମବାୟ ରାଜନୀତି ଉଷ୍ମ ହେବାରେ ଲାଗିଛି। ଜୁନ୍ ୧୯ ପ୍ରଥମ ପର୍ଯ୍ୟାୟ ସମବାୟ ସମିତି ନିର୍ବାଚନ ନିମନ୍ତେ ୩୦ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ଅଦାଲତ ଅବମାନନା ରୁଜୁ କରିବ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର ଅଫିସ୍,୨୩ା୫

ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗରେ ଅଦାଲତ ଅବମାନନା ମାମଲା ଦାୟର ପାଇଁ ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ଏ ନେଇ କମିଟି ପକ୍ଷରୁ ରବିବାର ବ୍ରଜନଗରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କମିଟିର ବାରମ୍ବାର ଦାବି, ଆନ୍ଦୋଳନ, ଧାରଣା ଓ ଅନୁରୋଧ ସତ୍ତ୍ୱେ ସହର ତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବାରେ ଆଜି ପର୍ଯ୍ୟନ୍ତ ଅଣଦେଖା କରାଯାଇଛି। ଏପରିକି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଏମ୍‌ସିରେ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ ।

ସାମିଲ ନେଇ ସଂକଳ୍ପ ଓ ଚିଠି ପାସ୍ କରିଥିବା ପଞ୍ଚାୟତ ଏବଂ ଗ୍ରାମକୁ ତୁରନ୍ତ ୩ ମାସ ମଧ୍ୟରେ ସାମିଲ ପାଇଁ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିଲେ ମଧ୍ୟ ସରକାର ତାହା କାର୍ଯ୍ୟକାରୀ କରିବାରେ ଅସଫଳ ହୋଇଥିବା ଅଭିଯୋଗ ହୋଇଛି। ଆସନ୍ତା ସପ୍ତାହରେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବା ନେଇ ସମସ୍ତ ପ୍ରସ୍ତୁତି ସରିଥିବା କମିଟି ସଭାପତି ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ଗତ ଜାନୁୟାରୀ ୧୧ରେ ହାଇକୋର୍ଟ ନିଜ ରାୟରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଲୋଚାପଡ଼ା ପଞ୍ଚାୟତ ଓ ବଡ଼ କୁଶସ୍ଥଳି ପଞ୍ଚାୟତର ସାନ କୁଶସ୍ଥଳି ଗ୍ରାମ, ଗଞ୍ଜୁ ପଞ୍ଚାୟତ ବ୍ରାହ୍ମଣପଲ୍ଲୀ ଗ୍ରାମ ଏବଂ ଗୋଳାବନ୍ଧ ପଞ୍ଚାୟତର ଗୋଳାବନ୍ଧ ଆର୍ମି ଟ୍ରେନିଂ ସ୍କୁଲକୁ ବିଏମ୍‌ସିରେ ସାମିଲ କରିବା ପାଇଁ ୩ ମାସ ମଧ୍ୟରେ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଣୁ ଅଦାଲତ ଅବମାନନା ଦାୟର ପରେ ସରକାର ନିଜର ମତ ରଖିବେ ଓ ସହରବାସୀ ଜାଣିବାରେ ସକ୍ଷମ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପାଇଛା, ସାଧାରଣ ସମ୍ପାଦକ ଡ. ଶିବପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସହ ସମ୍ପାଦକ ବି. ଭି. ସାଗର, ସାଙ୍ଗଠନିକ ସମ୍ପାଦକ ଶ୍ରୀକାନ୍ତ ପଡ଼ିହାରୀଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସହରତଳି ଅଞ୍ଚଳ ବିଏମ୍‌ସିରେ ମିଶ୍ରଣ ପ୍ରସଙ୍ଗ

# ହାଡ଼ିକୁଳ ମହାସଂଘ ବୈଠକ

ବ୍ରହ୍ମପୁର ଅଫିସ୍,୨୩ା୫

ବ୍ରହ୍ମପୁର ହାଡ଼ିକୁଳ ମହାସଂଘ ଶାଖା ପକ୍ଷରୁ ରବିବାର ଧାନମେରା ସାହିଠାରେ ନୂତନ କର୍ମକର୍ତ୍ତା ଚୟନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ ମୁଖୀ ସଭାପତିତ୍ୱ କରିଥିଲେ। ଆସନ୍ତା ୨ ସପ୍ତାହ ପରେ ସଂଘର ପୁନର୍ଗଠନ ଓ ନୂତନ କର୍ମକର୍ତ୍ତା ଚୟନ ନେଇ ନିଷ୍ପତ୍ତି ହୋଇଥିଲା। ଏହି ଚୟନ ପ୍ରକ୍ରିୟା ହାଡ଼ିକୁଳ ମହାସଂଘ ସଭାପତି ତଥା ରାଜ୍ୟ ଦଳିତ ସମାଜ ଉପସଭାପତି ନାରାୟଣ ଘଡ଼େଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଘଡ଼େଇ, ସାଧାରଣ ସମ୍ପାଦକ ଚିନ୍ତାମଣି ନାୟକ, ଶ୍ୟାମସୁନ୍ଦର ନାୟକ, ମାଗୁଣି ନାୟକ, ଜନାର୍ଦ୍ଦନ ଘଡ଼େଇ, ପ୍ରଭାକର ନାୟକ, ବାଦଲ ନାୟକ, ପୀତାମ୍ବର ବେହେରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

# ଭାଲିଆଖାଇରେ ପୁଣି ଚୋରି

ଭଞ୍ଜନଗର,୨୩ା୫(ଡି.ଏନ୍.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ ଭାଲିଆଖାଇରେ ଗତ ୧୮ ତାରିଖ ରାତିରେ ଏକା ସମୟରେ ୩ଟି ଚୋରି ହୋଇଥିଲା। ଏହି ଘଟଣାରେ ଜଣଙ୍କୁ ବି ପୋଲିସ ଧରି ପାରି ନ ଥିବା ବେଳେ ରବିବାର ରାତିରେ ପୁଣି ଚୋରି ହୋଇଛି। ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଚିହ୍ନଟକରି ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରବିବାର ରାତିରେ ଭଣ୍ଡାରି ବିଶୋଇ ଏବଂ ଜମ୍ମୁ ବିଶୋଇଙ୍କ ଘରୁ ଚୋରି ହୋଇଥିବା ବେଳେ ବିଜି ପଣ୍ଡାଙ୍କ ଘରର କାନ୍ଥ ଭାଙ୍ଗି ଥିଲେ ମଧ ତାଙ୍କ ଘରୁ କିଛି ଚୋରି ହୋଇନାହିଁ।

# ଭୁବନେଶ୍ୱର ଚାଲାଣ ପୂର୍ବରୁ ଗୁଟ୍‌ଖା ଜବତ

ବ୍ରହ୍ମପୁର ଅଫିସ,୨୩ା୫

### ଧରାପଡ଼ିଲା ୨ ଗାଡ଼ି: ଦାଦା , ପୁତୁରା ଅଟକ

ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ସୋମବାର କାଲୁପାତ୍ର ସାହିରୁ ୨୫୦ ପ୍ୟାକେଟ ଗୁଟ୍‌ଖା ଜବତ କରିଛି। ଏହା ଭୁବନେଶ୍ୱର ଚାଲାଣ ପାଇଁ ଗୋଟିଏ ଗାଡ଼ିରୁ ଅନ୍ୟ ଏକ ଗାଡ଼ିରେ ଭର୍ତ୍ତି କରାଯାଉଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କାଲୁପାତ୍ର ସାହିର ପେସାଦାର ଗୁଟ୍‌ଖା ବେପାରୀ ନାରୁ ସାହୁ (୫୩) ଓ ତାଙ୍କ ପୁତୁରା ରିଣ୍ଟୁ ସାହୁ(୩୭) ଙ୍କୁ ପୋଲିସ କାବୁ କରିଛି। ପୋଲିସ ନଂ.୧୧୪/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା କହିଛି। ପୂର୍ବରୁ ପୋଲିସ ନାରୁଙ୍କୁ ବେଆଇନ ଗୁଟ୍‌ଖା କାରବାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜେଲରୁ ଜାମିନରେ ଆସିବା ପରେ ପୁଣି ଥରେ ଗୁଟ୍‌ଖା କାରବାର କରୁଥିଲେ ବୋଲି ପୋଲିସ କହିଛି। ଦୁଇଟି ଗାଡ଼ିରୁ ଏହି ଗୁଟ୍‌ଖା ଜବତ ହୋଇଥିବା ବେଳେ ପୋଲିସ ନାରୁଙ୍କୁ ନେଇ ତାଙ୍କ ଗୋଦାମ ଯାଞ୍ଚ କରିଥିଲା। ହେଲେ ସେଠାରେ ଗୁଟ୍‌ଖା ମହଜୁଦ ନ ଥିଲା ବୋଲି ପୋଲିସ କହିଛି। ହେଲେ ନାରୁ ଏବେ ଗୁଟ୍‌ଖା ଅନ୍ୟ କୌଣସି ସ୍ଥାନରୁ ନିଜ ଗାଡ଼ି (ଓଆର୍ ୦୭ – ଏକେ ୧୨୨୬) ରେ ଆଣିଥିଲେ। ଭୁବନେଶ୍ୱରରୁ ଆସିଥିବା ଅନ୍ୟ ଏକ ଗାଡ଼ି (ଓଡ଼ି ୦୨ ଏଏଲ୍– ୯୬୨୨)ରେ ଗୁଟ୍‌ଖା ଲୋଡିଂ କରୁଥିବା ବେଳେ ପୋଲିସ ଜବତ କରିଥିବା କହିଛି। ଜବତ ଗୁଟ୍‌ଖାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ଏମ୍‌କେସିଜିରେ ଡାକ୍ତର ନିଯୁକ୍ତି ଓ ସମସ୍ୟା

# ସମାଧାନ ଦାବିରେ ୧୧୬ ତମ ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ,୨୩ା୫

ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏମ୍‌କେସିଜି ମେଡିକାଲ ଏବେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡ଼ିଛି।

ଏମ୍‌କେସିଜି ମେଡିକାଲରେ ସମସ୍ତ ଡାକ୍ତର ପଦବୀ ପୂରଣ ଓ ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦାବି ସହ ବରିଷ୍ଠ ନାଗରିକଙ୍କ ପାଇଁ ଜେରିଆଟିକ ବିଭାଗ ଖୋଲିବା, ପୋଡ଼ିହୋଇ ଆସୁଥିବା ରୋଗୀମାନଙ୍କ ଚିକିତ୍ସା ପାଇଁ ବର୍ନ କେୟାର ୟୁନିଟ୍ ସ୍ଥାପନ, ୨୪ ଘଣ୍ଟା ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର ଓ ରେଡିଓଲୋଜି ବିଭାଗକୁ ଚାଲୁ କରିବା, ଡାଏଲିସିସ୍ ସେବାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, କାଜୁଆଲ୍‌ଟିରେ ବରିଷ୍ଠ ଡାକ୍ତରଙ୍କୁ ନିୟୋଜିତ କରିବା, ଟ୍ରମାକେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଅଧିକ ସଂଖ୍ୟାରେ ରୋଗୀଙ୍କ ପାଇଁ ଆଇସିୟୁ ବେଡ୍ ଓ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଯୋଗାଇବା, ସରକାରୀ ଆମ୍ବୁଲାନ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଓ ଘରୋଇ ଆମ୍ବୁଲାନ୍ସ ମଧ୍ୟରେ ଥିବା କମିଶନ କାରବାରକୁ ବନ୍ଦ କରିବା, ମେଡିକାଲ ପରିସରକୁ ଅବାଧରେ ପ୍ରବେଶ କରୁଥିବା ଔଷଧ, ଘରୋଇ କ୍ଲିନିକ ଦଲାଲ, ଘରୋଇ ମେଡିକାଲ, ରକ୍ତ, ଆମ୍ବୁଲାନ୍ସ ଭଳି ଏ ସମସ୍ତରେ ଯେଉଁ ପ୍ରକାର ଦଲାଲି ଚାଲିଛି ସେମାନଙ୍କୁ ଗିରଫ କରିବା, ନିରାମୟରେ ସମସ୍ତ ପ୍ରକାର ଉନ୍ନତମାନର ଔଷଧ ଯୋଗାଇବା, ସମସ୍ତ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା (ଫାୟାର ସେଫ୍ଟି)କୁ ପ୍ରସ୍ତୁତ ରଖାଯିବା, ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମସ୍ତ ପ୍ରକାର ସମସ୍ୟା ଓ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବା ଆଦି ୧୧ ଦାବି ଦଫା ଉପସ୍ଥାପନ କରାଯିବା ସହ ଘଣ୍ଟଯାତ୍ରା ଶୋଭାଯାତ୍ରାରେ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଯାଇ ସେଠାରେ ତାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଗେଟ୍‌ଠାରେ ୧୧୬ ତମ ଘଣ୍ଟଯାତ୍ରା ଜରିଆରେ ଗଣବିକ୍ଷୋଭ କରାଯାଇଥିଲା। ଆଇନଜୀବୀ ଅବନୀ ଗୟାଙ୍କ ତତ୍ତ୍ୱାବଧାନରେ ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସୁଧୀର ରାଉତ, ଇ. ଟି. ରାଓ, ରବି ରଥ, ସବିତା ସାହୁକାର କେ. ଏନ୍. ରାଣୀ, ରୋନାଲି ପାଣିଗ୍ରାହୀଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।




ଏମ୍‌କେସିଜି ମେଡିକାଲ ମୁଖ୍ୟ ଗେଟ୍‌ଠାରେ ଘଣ୍ଟଯାତ୍ରା ଜରିଆରେ ଗଣବିକ୍ଷୋଭ ।

## ସଂକ୍ଷେପରେ

### ସ୍ୱଚ୍ଛତା ସପ୍ତାହ ପାଳନ ବେଳେ କର୍ମଚାରୀ ଗୁରୁତର

ଭଞ୍ଜନଗର,୨୩।୫(ଡି.ଏନ.ଏ):ପ୍ରତ୍ୟେକ ସପ୍ତାହର ସୋମବାର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏନଏସି ଗୁଡିକରେ ସଚ୍ଛତା ସପ୍ତାହ ପାଳିତ ହେଉଛି। ଏହିଭଳି ଭଞ୍ଜନଗର ଏନ୍ଏସି ପକ୍ଷରୁ ସୋମବାର ସଚ୍ଛତା ସପ୍ତାହ ପାଳିତ ହୋଇଥିଲା। ପୂର୍ବାହ୍ନ ସାଢେ ୯ ସୁଦ୍ଧା ମନଇଛା ସାହି ପୋଖରୀଠାରେ ହେବାକୁ ଥିବା ଉତ୍ସବରେ ଯୋଗ ଦେବା ପାଇଁ ଚିଠି ହୋଇଥିଲା। କିନ୍ତୁ କାର୍ଯ୍ୟକ୍ରମ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ସମୟରେ ସଚ୍ଛ ସାଥୀ ଗୀତାଞ୍ଜଳି ତ୍ରିପାଠୀ ପ୍ରବଳ ଗରମ ଯୋଗୁ ଅସୁସ୍ଥ ହୋଇପଡିଥିଲେ। ଏହା ପରେ ତାଙ୍କୁ ଅନ୍ୟ କର୍ମଚାରୀ ମାନେ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲ। ଖବର ଲେଖା ହେବା ସୁଦ୍ଧା ଗୀତାଞ୍ଜଳି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଏନ୍ଏସିର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ ତାଙ୍କର ଶ୍ୱାସ ରୋଗ ଥିବାରୁ ଏହି ସମସ୍ୟା ଉପୁଜିଛି।

### ଯୋଗ, ଅଲିମ୍ପିଆଡ୍ କାର୍ଯ୍ୟକ୍ରମ

ଧରାକୋଟ,୨୩।୫(ଡି.ଏନ୍.ଏ.)- ଧରାକୋଟ ବ୍ଲକର ୧୪ କ୍ଲଷ୍ଟରରୁ କୃତିତ୍ୱ ହାସଲ କରି ବ୍ଲକସ୍ତରକୁ ଉଚ୍ଚ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟରୁ ଯାଇଥିବା ଛାତ୍ରୀଛାତ୍ର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଯୋଗ, ପ୍ରାଣାୟମ ଅଲିମ୍ପିଆଡ୍‌ରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଡିଓ ଡେନିଶ୍ ବେହେରା ଉଦ୍‌ଘାଟନ କରିଥିଲେ। ଏବିଇଓ ତଥା ସିଆର୍‌ସିସି ପ୍ରଦୀପ କୁମାର ହୋତା ଏହାର ପରିଚାଳନା କରିଥିବା ବେଳେ ଅନ୍ୟ ଦୁଇଜଣ ସହକାରୀ ଶିକ୍ଷା ଅଧିକାରୀ ଉମାଚରଣ ପାଣିଗ୍ରାହୀ, ବୁଚିରାଓ ଦୋରା, ସମସ୍ତ କ୍ରୀଡ଼ା ଶିକ୍ଷକ, ଶିକ୍ଷକ ସଂଘ ସଭାପତି ସୁକୃ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ଉଚ୍ଚ ପ୍ରାଥମିକ ସ୍ତରର ୪ ଏବଂ ମାଧମିକ ସ୍ତରର ୪ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରେରଣ କରାଗଲା।

### ଶିବାଜୀଙ୍କ ବିୟୋଗରେ ଡିୱାଇଏଫ୍‌ଆଇର ଶୋକ

କାଶୀନଗର,୨୩।୫- ଓଡ଼ିଶାର ବାମପନ୍ଥୀ ଆନ୍ଦୋଳନର କର୍ଣ୍ଣଧାର, ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ତିନିଥର ଏମ୍‌ପି, ସାମ୍ରାଜ୍ୟବାଦୀ ଶକ୍ତି ବିରୋଧରେ ଆଜୀବନ ଲଢ଼େଇ କରିଥିବା ବରିଷ୍ଠ ଶ୍ରମିକ ନେତା ସିପିଆଇ(ଏମ୍)ର ପ୍ରାକ୍ତନ କେନ୍ଦ୍ର କମିଟିର ସଭ୍ୟ ଶିବାଜୀ ପଟ୍ଟନାୟକଙ୍କ ୯୨ ବର୍ଷ ବୟସରେ ଗତ ୨୭ରେ ଦେହାନ୍ତ ହୋଇଯାଇଛି। ତାଙ୍କର ମୃତ୍ୟୁ ରାଜ୍ୟର ବାମପନ୍ଥୀ ପ୍ରଗତିଶୀଳ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ଶୋକ ପ୍ରକାଶ କରି ଶୋକାକୁଳ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ସିପିଆଇ(ଏମ୍)ର ରାଜ୍ୟ କମିଟି ସଭ୍ୟ ଯତୀନ ମହାନ୍ତି, ଜିଲା କମିଟି ସଭ୍ୟ କାର୍ତ୍ତିକ ଶବର, ଯୁବନେତା ଶୁକୁ ଶବର।

### ଚନ୍ଦନଯାତ୍ରା ଅନ୍ତିମ ଦିବସ, ୩ ଠାକୁରଙ୍କ ହରିହର ଭେଟ

ଗଞ୍ଜାମ,୨୩।୫(ଡି.ଏନ.ଏ.)-ଐତିହାସିକ ଗଞ୍ଜାମ ସହରରେ ପବିତ୍ର ଚନ୍ଦନଯାତ୍ରା ସୋମବାର ଅନ୍ତିମ ଦିବସରେ ପହଞ୍ଚିଛି। ଏହି ଅବସରରେ ତିନି ଠାକୁର ତଥା ଖଣ୍ଡେଶ୍ୱର, ଜଗନ୍ନାଥ ଏବଂ ବାବା ମଦନ ମୋହନ ସ୍ୱାମୀଙ୍କ ଜୟଶ୍ରୀ ଛକଠାରେ ହରିହର ଭେଟ ଅନୁଷ୍ଠିତ ହୋଇଯାଇଛି। ସାମନ୍ତରା ସାହି ଶ୍ରୀ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ଚଳନ୍ତି ପ୍ରତିମାକୁ ରତ୍ନବେଦୀରୁ ପାଛୋଟି ଅଣାଯାଇ ଏକ ସୁସଜ୍ଜିତ ଦୋଳବିମାନରୁ ପୁରୁଣା ଜଗନ୍ନାଥଙ୍କ ସହ ତ୍ରିବେଣୀ ମଠ ଛକ ଯାଏ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ମହାଦେବ ଖଣ୍ଡେଶ୍ୱର ଶୋଭାଯାତ୍ରାରେ ଆସିବା ପରେ ତ୍ରିବେଣୀ ମଠ ଛକରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପରମ୍ପାରିକ ରୀତିନୀତି ଅନୁଯାୟୀ ଦେବମନ୍ତ୍ର ଧ୍ୱନୀରେ ପୂଜାର୍ଚ୍ଚନା ସମାପନ ହୋଇଥିଲା। ଘଣ୍ଟ, ମୃଦଙ୍ଗ, ବାଦ୍ୟବାଜଣା ସହକାରେଠାକୁର ମାନଙ୍କୁ ନଗର ପରିକ୍ରମା କରି ନେଇ ଆସିବାପରେ ଶ୍ରୀମଦନ ମୋହନ ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ଠାକୁର ଚାପରେ ଓ ମହାଦେବ ଖଣ୍ଡେଶ୍ୱର ନିଆଳି ଚାପରେ ଉପବେଶନ ହୋଇ ନୌକା ବିହାର ସହ ପ୍ରତ୍ୟେକ କୋଣରେ ତିନି ଘେରା ଲେଖାଏ ଭଉଁରୀ ଖେଳିଥିଲେ। ପ୍ରଥମ ପର୍ଯ୍ୟାୟରେ ୭ ଘେରା ଚନ୍ଦନ ମଣ୍ଡପରେ ଠାକୁର ମାନଙ୍କ ଚନ୍ଦନ ସ୍ନାନ ପରେ ଦ୍ୱିତୀୟରେ ୨୧ ଘେରା ସହ ଭଉଁରୀ ଖେଳ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ୨୧ ବେଢ଼ା ପରିସମାପ୍ତି ପରେ ଠାକୁରମାନେ ମନ୍ଦିରକୁ ବିଜେ କରିବା ଚାପକୁ ପୋଖରି ଜଳରେ ବୁଡେଇବା ପରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପଙ୍କ ଖେଳ ପରେ ଯାତ୍ରା ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# ୬ ବର୍ଷ ହେଲା ସରୁନି ସିର୍ତିଗୁଡା ଗ୍ରୀଡ କାର୍ଯ୍ୟ

ଫୁଲବାଣୀ ଅଫିସ, ୨୩।୫

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ସିର୍ତିଗୁଡା ସବଷ୍ଟେଶନ ଗ୍ରୀଡ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହେଉନି । ଏହା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବିଭାଗ ପକ୍ଷରୁ କୁହାଯାଉଛି । କେବେ ଏହା ସରିବ ଏବଂ କାର୍ଯ୍ୟକାରୀ ହେବ ତାହାକୁ ନେଇ ଲୋକେ ଚାହିଁ ବସିଛନ୍ତି । ଗ୍ରୀଡ଼ରୁ ଅନ୍ୟ ଏକ ଗ୍ରୀଡକୁ ବିଦ୍ୟୁତ ଯିବା ପାଇଁ ଗଛ ବାଧା ସାଜୁଛି । ଯାହାକୁ ନେଇ ଜନ ଅସନ୍ତୋଷ ମଧ୍ୟ ସୃଷ୍ଟି ହୋଇଛି । ସ୍ଥାନୀୟ ବିଧାୟକ ଓ ଏମପିଙ୍କ ଇଚ୍ଛାଶକ୍ତି ଅଭାବରୁ କାମ ସରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବାଲିଗୁଡାରେ ବିଦ୍ୟୁତ ସେବାର ଉନ୍ନତି ଆଣିବା ପାଇଁ କଳାହାଣ୍ଡି ଜିଲାରୁ ବିଦ୍ୟୁତ ଆଣିବା ଲାଗି ବ୍ୟବସ୍ଥା କରାଯାଇଥିଲା। ବାଲିଗୁଡା ନିକଟସ୍ଥ ସିର୍ତିଗୁଡାରେ ଗ୍ରୀଡ ସବଷ୍ଟେଶନ (୨୨୦/୩୩କେଭି) କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୬ ଫେବୃୟାରୀରେ ଏହାକୁ ଶକ୍ତିମନ୍ତ୍ରୀ ଶିଳାନ୍ୟାସ କରିଥିଲେ । ୧୦୨ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ୨୦୧୮ ମାର୍ଚ୍ଚ ମାସରୁ ଉକ୍ତ ଗ୍ରୀଡରୁ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବାର ଲକ୍ଷ୍ୟ ରହିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ସରୁନାହିଁ । କେତେଜଣ ଲୋକ ଟାୱାର ସ୍ଥାପନ ପାଇଁ ଜାଗା ଛାଡୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।

ଏହି ଗ୍ରୀଡ କାର୍ଯ୍ୟକ୍ଷମ ହେଲେ ବାଲିଗୁଡା ବ୍ଲକ ସମେତ କୋଟଗଡ, ତୁମୁଡିବନ୍ଧ, କ.ନୁଆଗାଁ, ଦାରିଙ୍ଗବାଡି, ରାଇକିଆ ଆଦି ବ୍ଲକ ଅଞ୍ଚଳବାସୀ ଉପକୃତ ହୋଇପାରିବେ। କନ୍ଧମାଳକୁ ବଣ ଜଙ୍ଗଲ ଘେରି ରହିଥିବା କାରଣରୁ ସାମାନ୍ୟ ବର୍ଷା ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହୁଏ । ଏପରିକି ରାତି ତମାମ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡେ । ଅନ୍ୟପକ୍ଷରେ ବାଲିଗୁଡା ଉପଖଣ୍ଡରେ ସମସ୍ତ ବ୍ଲକରେ ଅଧିକ ସମୟ ଲୋ ଭୋଲଟେଜ ଓ ବାରମ୍ବାର ପାୱାର କଟ୍ ହେଉଛି । ବର୍ଷାଦିନେ ବିଦ୍ୟୁତ ସରବରାହ ସମସ୍ୟା ନ କହିବା ଭଲ । ବାଲିଗୁଡାକୁ ବର୍ତ୍ତମାନ ଫୁଲବାଣୀ ଗ୍ରୀଡରୁ ବିଦ୍ୟୁତ ଆସୁଛି । ଫୁଲବାଣୀକୁ ଗଞ୍ଜାମ ଜିଲା କଣ୍ଟେଇପଲ୍ଲୀ ଗ୍ରୀଡରୁ ବିଦ୍ୟୁତ ଯୋଗାଣ ହେଉଛି ।

୨୦୧୨ରେ ବାଲିଗୁଡା ଅଞ୍ଚଳରେ ୭ ମେଗାୱାଟ ବିଦ୍ୟୁତ ଆବଶ୍ୟକ ହେଉଥିଲା। ଏବେ ୧୮ ମେଗାୱାଟ ବିଦ୍ୟୁତର ଆବଶ୍ୟକତା ଅଛି । ନିର୍ମାଣ ଚାଲିଥିବା ଗ୍ରୀଡର ପ୍ରାୟ ୯୦ ପ୍ରତିଶତ କାମ ସରିଯାଇଛି । କିନ୍ତୁ ବନ ବିଭାଗ ଯୋଗୁ କାମ ଅଟକି ଯାଇଛି । ଏଥିଲାଗି ୧୯ କି.ମି. ଲମ୍ବା ଓ ୩୫ ମିଟର ଓସାରରେ କରିଡର ତିଆରି ହେବ । ଯାହା ଫଳରେ ୫୦ହଜାର ଗଛ କଟାଯିବ। ରାମପୁର, କୁର୍ତ୍ତମଗଡ, ପାଟାମାହାରୁ ଅଧିକ ଗଛ କଟାଯିବ । ଏହି ୫୦ ହଜାର ଗଛ କାଟିବାକୁ କେନ୍ଦ୍ର ଫରେଷ୍ଟ ବିଭାଗରୁ ମଞ୍ଜୁର ମିଳୁନାହିଁ। ବନ ବିଭାଗର ମଞ୍ଜୁରୀ ମିଳିବା ପରେ ହିଁ ଗଛ କଟା ହେବ । ଏହି ଗ୍ରୀଡ ପାଇଁ ଆବଶ୍ୟକ ୩୮୨ଟି ଟାୱାର ତିଆରି ହେବ। ଏଥି ମଧ୍ୟରୁ ୩୨୪ଟି କାମ ସରିଛି । ବାକି ୫୮ଟି ଟାୱାର ରିର୍ଜଭ ଫରେଷ୍ଟ ମଧ୍ୟରେ ରହିଛି । ଏ ନେଇ ବାଲିଗୁଡା ବିଦ୍ୟୁତ ବିଭାଗର ଯନ୍ତ୍ରୀ କୁହନ୍ତି ଯାହା ସବୁ ସମସ୍ୟା ଅଛି ତାହା ସମାଧାନ କରାଯିବା ପାଇଁ ଚେଷ୍ଟା ଚାଲିଛି । କିଛି ସମାଧାନ ହେଲାଣି। ଜଙ୍ଗଲ ଜମି ସମସ୍ୟା ରହିଛି । ଆମେ ଚାହୁଁଛୁ କାମ ଶୀଘ୍ର ସାରି ଲୋକଙ୍କୁ ସେବା ଦେବାକୁ । କେତେ ଦିନ ଏହା ଲାଗିବ ତାହା କହିବା ସମ୍ଭବପର ନୁହେଁ । ଏ ବିଷୟରେ ଉପରିସ୍ଥ ଅଧିକାରୀମାନେ କହି ପାରିବେ ବୋଲି କହିଛନ୍ତି।

# ପ୍ରେସରକୁକର ଫାଟି ପାଚିକା ଗୁରୁତର

ଶେରଗଡ଼,୨୩।୫(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ପୁନାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନରେ ପ୍ରେସରକୁକର ଫାଟି ଜଣେ ପାଚିକା ଗୁରୁତର ହୋଇଛନ୍ତି। ସେ ହେଲେ ଜୟନ୍ତୀ ପଟ୍ଟନାୟକ। ଜୟନ୍ତୀ ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରାନ୍ଧୁଥିଲେ। ଡାଲି କରିବା ଲାଗି ଗ୍ୟାସ୍‌ଚୁଲାରେ ପ୍ରେସରକୁକର ବସାଇଥିଲେ। ହଠାତ୍ କୌଣସି କାରଣରୁ କୁକରଟି ଫାଟିଯାଇଥିଲା। ଫଳରେ ଜୟନ୍ତୀ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବିଦ୍ୟାଳୟ କର୍ମଚାରୀ ଓ ପରିବାର ପକ୍ଷରୁ ପ୍ରଥମେ ହିଞ୍ଜିଳି ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ବିଆର୍‌ସିସି ଦାୟିତ୍ୱରେ ଥିବା ଏବିଇଓ ସୌରୀ ଶଙ୍କର ବେହେରା ପହଞ୍ଚି ବିଦ୍ୟାଳୟ ପରିଦର୍ଶନ କରିବା ସହ ଡାକ୍ତରଖାନା ଯାଇ ଜୟନ୍ତୀଙ୍କ ଅବସ୍ଥା ତଦାରଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଯାଇଥିବା ରୋଷେଇ ସରଞ୍ଜାମ ପୁରୁଣା ହୋଇଯାଇଛି। ତେଣୁ ପ୍ରତିବର୍ଷ ବା ୨ବର୍ଷକୁ ଥରେ ଏହି ଜିନିଷଗୁଡ଼ିକ ଯୋଗାଣ ହେଲେ ରୋଷେୟାଙ୍କ କୌଣସି ଅସୁବିଧା ହୁଅନ୍ତା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଚିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଶିକ୍ଷା ବିଭାଗ ଗ୍ରହଣ କରୁ ବୋଲି ଯୁବ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ କହିଛନ୍ତି।

# ଜଳିଗଲା ଗ୍ରେଡର ମେଶିନ୍



ଜଳିଯାଉଥିବା ଗ୍ରେଡର ମେଶିନ।

କ.ନୂଆଗାଁ,୨୩।୫(ଡି.ଏନ୍.ଏ.)

କନ୍ଧମାଳ ଜିଲା କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଛକ ଜାତୀୟ ରାଜପଥ କଡ଼ରେ ଥିବା ଗ୍ରେଡର ମେଶିନ୍‌ରେ ହଠାତ୍ ନିଆଁ ଲାଗି ଜଳିଯାଇଛି। ଏହା ଏକ ଘରୋଇ ଠିକା ସଂସ୍ଥାରେ ନିୟୋଜିତ ଥିଲା। ଶର୍ଟସର୍କିଟ ଯୋଗୁ ସେଥିରେ ନିଆଁ ଲାଗି ଯାଇଥିବା ସେଠାରେ ଉପସ୍ଥିତ ଥିବା ଠିକା ସଂସ୍ଥାର କର୍ମଚାରୀ କହିଛନ୍ତି। କ.ନୂଆଗାଁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀକୁ ଖବର ଦେଇଥିଲା। ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା ।

### ପୂର୍ବତନ ଏନ୍ଏସି ଅଧ୍ୟକ୍ଷଙ୍କ ବିୟୋଗ

ଭଞ୍ଜନଗର,୨୩।୫(ଡି.ଏନ୍.ଏ.)

ଭଞ୍ଜନଗର ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଏମ୍.ଡି. ଲତିଫ୍ ରହେମାନ (୮୦)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସୋମବାର ମରଶରୀରକୁ ଏନ୍ଏସି କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତିମାନେ ଅନ୍ତିମ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ରହେମାନ ୧୯୯୨ରେ ଭଞ୍ଜନଗର ଏନ୍ଏସିର ଅଧ୍ୟକ୍ଷ ଭାବେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ବିଭିନ୍ନ ପଦପଦବୀରେ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ବରିଷ୍ଠ ନେତାମାନେ ଶୋକ ବ୍ୟକ୍ତ କରିଛନ୍ତି।

# ଜମି, ଜଙ୍ଗଲ ଅଧିକାର ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ




ବିକ୍ଷୋଭ କରାଯାଉଛି ।

ଶେରଗଡ଼,୨୩।୫(ଡି.ଏନ୍.ଏ.)

ଭୂମିହୀନଙ୍କୁ ଜମି, ଘରଡିହ ପଟ୍ଟା, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀଙ୍କୁ ଜଙ୍ଗଲ ଜମିପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁଇ ଶହ ଦିନ କାମ, ସର୍ବନିମ୍ନ ମଜୁରୀ, ବନ୍ଦ ହୋଇଥିବା ସରକାରୀ ସ୍କୁଲଗୁଡିକୁ ପୁନଃ ଖୋଲିବା ଆଦି ଦାବିରେ ଅଖିଳ ଭାରତ କିଶାନ ମଜଦୁର୍ ସଭା ପକ୍ଷରୁ ସୋମବାର ଶେରଗଡ ତହସିଲ ଓ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ହାଟବନ୍ଧଠାରୁ ବ୍ଲକର ବିଭିନ୍ନ ଗାଁରୁ ଆସିଥିବା ଶହ ଶହ ଚାଷୀ, ଭାଗଚାଷୀ, ଆଦିବାସୀ ନିଜ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଲୋକେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଥିଲା। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସଭାପତି ଏଜିକଲ ଗମାଙ୍ଗ, ସମ୍ପାଦକ ରୋହିତ ଗୌଡ, ସନିଆ ମଳିକ, ଥୋମାସ ଗମାଙ୍ଗ, ବିଦେଶୀ ମଳିକ, ନିରଞ୍ଜନ ଦାସ, ସୁରେଶ ନାୟକ, ପଞ୍ଚୁ ମଳିକ, ସୁମା ଗମାଙ୍ଗ, ଏସୋ ଦଳବେହେରା ଏବଂ ଶ୍ରମିକ ସଙ୍ଗଠନ ଆଇଏଫଟିୟୁର ନେତା ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ଆସନ୍ତା ମାସ ପ୍ରଥମ ସପ୍ତାହରୁ ରାଜସ୍ୱ ଅଧିକାରୀମାନେ ଗାଁକୁ ଯାଇ ପଟ୍ଟା ଦେବାର ପ୍ରକ୍ରିୟାକୁ ଆରମ୍ଭ କରିବେ ବୋଲି କହିବାରୁ ବିକ୍ଷୋଭ ହଟିଥିଲା ।

# ସିପିଆଇ ଅଞ୍ଚଳ ପରିଷଦ ବୈଠକ

ଭଞ୍ଜନଗର,୨୩।୫(ଡି.ଏନ୍.ଏ.)




ମଞ୍ଚାସୀନ ଅତିଥିବୃନ୍ଦ।

ସ୍ଥାନୀୟ ନାୟକ ଭବନରେ ରବିବାର ସିପିଆଇ ଜଗନ୍ନାଥପ୍ରସାଦ ଅଞ୍ଚଳ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚଭୂତି ଶାଖା ସମ୍ପାଦକ ତଥା ସରପଞ୍ଚ ଶ୍ୟାମଘନ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ପାର୍ଟିରୁ ସେ ଏକମାତ୍ର ସରପଞ୍ଚ ନିର୍ବାଚିତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଜାତୀୟ ତଥା ରାଜ୍ୟ ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ପରିଷଦ ସଭ୍ୟ ସୋମନାଥ ନାୟକ ଉଦବୋଧନ ଦେଇ କହିଥିଲେ ଘୁମୁସର ହେଉଛି ବିପ୍ଳବର ମାଟି । ଲାଲସିଂ ଗ୍ରାମରେ ଗଞ୍ଜାମ ଜିଲା କମ୍ୟୁନିଷ୍ଟ ପାର୍ଟିର ବୀଜବପନ ହୋଇଥିଲା । ଓଡିଶାର ଲେନିନ ଗୋବିନ୍ଦ ପ୍ରଧାନ ଘୁମୁସରକୁ ଆସି ଭାଗଚାଷୀ ଆନ୍ଦୋଳନ, ବଞ୍ଜରଚାଷୀ ଆନ୍ଦୋଳନକୁ ପ୍ରଜ୍ୱଳିତ କରିଥିଲେ। ଲାଲସିଂର ଚାଷୀନେତା ମାଧବ ରାଉତ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। କମ୍ରେଡ ହରି ପତି, ଅନ୍ତର୍ଯ୍ୟାମି ପ୍ରଧାନ, ଅନ୍ତର୍ଯ୍ୟାମି ଆଚାର୍ଯ୍ୟ, ରଙ୍ଗନାଥ ସାଠୁଆ, ଭୀମ ବିଶୋୟୀ, ସଦାନନ୍ଦ ପଣ୍ଡା ପ୍ରମୁଖ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ବର୍ତ୍ତମାନ ଯୁବପିଢି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ପୁଣି ଥରେ ଘୁମୁସର ମାଟିରେ ସଙ୍ଗଠନ ମଜବୁତ ହୋଇପାରିବ ବୋଲି କହିଥିଲେ। ନିମନ୍ତ୍ରିତ ଶ୍ରମିକନେତା ହରିକୃଷ୍ଣ ସାହୁ, ଅଞ୍ଚଳ ସମ୍ପାଦକ ବିପ୍ରଚରଣ ନାୟକ, ସୁରେନ୍ଦ୍ର ପଟ୍ଟନାୟକ, ବିଦେଶୀ ନାୟକ, ମାଙ୍କୁ ନାୟକ, ଚାଷୀନେତା ମାଧବ ନାୟକ, ପବିତ୍ର ନାୟକ, ମହେନ୍ଦ୍ର ପାତ୍ର ପ୍ରମୁଖ ଶାଖା ସମ୍ପାଦକମାନେ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ମାସ ଶେଷସୁଦ୍ଧା ସଭ୍ୟପଦ ନବୀକରଣ କରିବା ପାଇଁ ଓ ଜୁନ ମାସ ୧୫ ତାରିଖ ସୁଦ୍ଧା ଶାଖା ସମ୍ମିଳନୀ ଗୁଡିକ ଶେଷକରିବା ପାଇଁ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି । ଏଥିସହ ଗତବର୍ଷର ଝଡ଼ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ଆଗାମୀ ଦିନରେ ଜଗନ୍ନାଥପ୍ରସାଦ ଓ ଭଞ୍ଜନଗର ତହସିଲ ଅଫିସ ଘେରାଉ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଶେଷରେ ମାଧବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବେଶ ସନ୍ତୁଳନରେ କଇଁଛଙ୍କ ଭୂମିକା ଅତୁଳନୀୟ

ଗଞ୍ଜାମ,୨୩।୫(ଡି.ଏନ୍.ଏ.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବିଶ୍ୱ କଇଁଛ ଦିବସ**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ପୀଠ କଲ୍ୟାଣ ମଣ୍ଡପଠାରେ ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା କମିଟି ପକ୍ଷରୁ ସୋମବାର ବିଶ୍ୱ କଇଁଛ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ବିଡିଓ ବିଶ୍ୱଜିତ ରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏସିଏଫ୍ ଅଶୋକ କୁମାର ବେହେରା, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସରପଞ୍ଚ ସଂଯୁକ୍ତା ପ୍ରଧାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବଟେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପୀତାମ୍ବର ସ୍ୱାଇଁ, ୟୁକୋ କ୍ଲବ ଜିଲା ସଂଯୋଜକ ଶଙ୍କର ନାରାୟଣ ବେଜ, ପୂର୍ବତନ ସମିତି ମେମ୍ବର ଛାୟାକାନ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ ପ୍ରମୁଖ ମଞ୍ଚାସୀନ ଥିଲେ। କଇଁଛ ସୁରକ୍ଷା କମିଟି ସମ୍ପାଦକ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଋଷିକୁଲ୍ୟା ମୁହାଣ କଇଁଛଙ୍କ ଅଣ୍ଡାଦାନ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଋଷିକୁଲ୍ୟା ବେଳାଭୂମିରେ ପ୍ରତିବର୍ଷ ଗଣ ଅଣ୍ଡାଦାନ ଯୋଗୁ ଉକ୍ତ ଅଞ୍ଚଳ ବିଶ୍ୱରେ ପରିଚିତ ହୋଇପାରିଛି। ବନ ବିଭାଗ ପକ୍ଷରୁ ଏହି ସାମୁଦ୍ରିକ କଇଁଛଗୁଡ଼ିକ ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଅଣ୍ଡାରୁ ଫୁଟିବା ପରେ ଛୁଆ କଇଁଛ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଥିଲେ। ବର୍ତ୍ତମାନ ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବେଳାଭୂମିକୁ ଉଚିତ ସ୍ଥାନ ଭାବି ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ କରୁଛନ୍ତି। ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଅଣ୍ଡାଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ସାହୁ, ରଞ୍ଜିତ କୁମାର ପଲାଇ, ମାଗତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ମା' ବରାଳ ଦେବୀ ମନ୍ଦିରରୁ ଚୋରି



ମନ୍ଦିରରେ ପୋଲିସର ତଦନ୍ତ ।

ବଲସକୁମ୍ପା,୨୩।୫

ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ଥିବା ମା' ବରାଳ ଦେବୀ ମନ୍ଦିରରେ ରବିବାର ରାତିରେ ଦୁର୍ବୃତ୍ତମାନେ ଦକ୍ଷିଣ ଦ୍ୱାର କବାଟ ଭାଙ୍ଗି ଭିତରେ ପ୍ରବେଶ କରି ଦାନହୁଣ୍ଡିର ଟଙ୍କା ଚୋରି କରିଛନ୍ତି। ଏ ନେଇ ସୋମବାର ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ନଂ.୬୬/୨୨ରେ ଏକ ମାମଲା ରୁଜୁ କରିଛି। ଥାନାଧିକାରୀ ଗେଲି କୁମାରୀ ସାହୁଙ୍କ ସମେତ ପୋଲିସ ବାହିନୀ ମା' ବରାଳ ଦେବୀ ମନ୍ଦିରକୁ ଆସି ଚୋରି ସମ୍ପର୍କରେ ଅଞ୍ଚଳବାସୀ, ଦେହୁରୀ ଏବଂ କମିଟିର କର୍ମକର୍ତ୍ତାବୃନ୍ଦଙ୍କୁ ପଚରାଉଚରା କରିବା ପରେ ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ସାହୁ। ସେହିପରି ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ ଅଧିକାରୀ ସବିତା ନାୟକ ମଧ୍ୟ ମନ୍ଦିରରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହେବା ସହ ଏହାର ତଦନ୍ତ ଶୀଘ୍ର କରିବାକୁ କହିଥିଲେ। ଚୋରମାନେ ମା'ଙ୍କ ଦାନହୁଣ୍ଡିରୁ ଆଠମାସର ଦାନ ଟଙ୍କା ଆନୁମାନିକ ୬୦ ହଜାର ଚୋରିକରି ନେଇଥିବା ସନ୍ଦେହ କରିଛନ୍ତି।

### ଗୁଟ୍‌ଖା ଧରପଗଡ଼

କାଶୀନଗର,୨୩।୫

କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଦୋକାନ ଉପରେ ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ଦୋକାନୀମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆସିକା,୨୩।୫(ଡି.ଏନ୍.ଏ.)

ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏମପି ପ୍ରମିଳା ବିଷୋୟୀ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୩୮ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଏତଦ ଅବସରରେ ୨୯ଜଣଙ୍କୁ ୩ଚକିଆ ସାଇକେଲ, ୪ଜଣଙ୍କୁ ଆଶାବାଡି, ୬ଜଣଙ୍କୁ ୨ଚକିଆ ସାଇକେଲ, ୧୫ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩୯ଜଣ ଭିନ୍ନକ୍ଷମଙ୍କୁ ଭତ୍ତା ସହ ୬୮ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ସହାୟତା ନିମନ୍ତେ ଭିନ୍ନକ୍ଷମଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସଡିପିଓ ଉମାଶଙ୍କର ସିଂ, ବିଡିଓ ରୋସନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଅଧିକାରୀ ଅଭିନ୍ନ କୁମାର ଜେନା, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେସମା ଦୋରା, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା, ତନ୍ମୟୀ ନାହାକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୩୩୮ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ।

# ଓଡ଼ିଆ ଭାଷାକୁ ସରକାରୀ ମାନ୍ୟତା ଦାବି ତେଜିଲା

ଫୁଲବାଣୀ ଅଫିସ, ୨୩।୫

ଓଡ଼ିଶାର ତତ୍କାଳୀନ ବରପୁତ୍ରଙ୍କ ନିଷ୍ଠାପର ନିଃସ୍ୱାର୍ଥପର ଲଢ଼େଇ ଫଳରେ ଇଂରେଜ ସରକାର ଭାଷା ଭିତ୍ତିରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେଲେ। ଓଡ଼ିଆ ଭାଷା କାର୍ଯ୍ୟକାରୀ କରିବାକୁ ଘୋଷଣା କଲେ। ଦେଶ ସ୍ୱାଧୀନର ୧୫ ବର୍ଷ ମଧ୍ୟରେ ପ୍ରାଦେଶିକ ଭାଷାରେ ରାଜ୍ୟ ଶାସନ ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ରହିଛି। ୧୯୫୪ ମସିହାରେ ପ୍ରଥମ ବିଧାନସଭାରେ ମନିଷି ନବକୃଷ୍ଣ ଚୌଧୁରୀ ଭାଷା ଆଇନ ପ୍ରଣୟନ କଲେ। କିନ୍ତୁ ୧୯୬୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅଗଣତାନ୍ତ୍ରିକ ଭାବେ ଓଡ଼ିଆ ଭାଷା ସହିତ ଇଂଲିଶ ଭାଷା ପ୍ରଚଳନ ହେବ ବୋଲି ଏକ ଆଧାଦେଶ ଆଣିବାରୁ ଓଡ଼ିଆ ଭାଷା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହାକୁ ନେଇ ଫୁଲବାଣୀ ଲେଖକ ସାମୁଖ୍ୟ ଠାରେ ଅନଲାଇନ ମାଧ୍ୟମରେ ଆମ ଭାଷାର ସ୍ଥିତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାଷାପ୍ରେମୀ ସୁବାସ ଚନ୍ଦ୍ର ପଟ୍ଟନାୟକ ସରକାରଙ୍କୁ ଦେଇଥିବା ପରାମର୍ଶ ସମ୍ପର୍କରେ ସୂଚନା ଦେଇଥିଲେ।

ଭାଷା ଆନ୍ଦୋଳନ ୬ବର୍ଷ ହେଲା କଳାପତକା ଅଭିଯାନ ମାଧ୍ୟମରେ ଚାଲିଛି। ମୁଖ୍ୟମନ୍ତ୍ରୀ ଭାଷା ବିଧେୟକରେ ସଂଶୋଧନ ଆଣିବାକୁ କ୍ୟାବିନେଟ ନିଷ୍ପତ୍ତି ନେଉଥିବା ବେଳେ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପରିବର୍ତ୍ତନ କରୁଥିବା ଦେଖାଯାଉଛି। ଓଡ଼ିଆ ଆମର ମାତୃଭାଷା। ମାତୃଭାଷାରେ ଶାସନ ଆମ ଅଧିକାର। କିନ୍ତୁ ଶୋଷକ ଗୋଷ୍ଠୀ ତାହା କରାଇ ଦେଉନାହାନ୍ତି। ଓଡ଼ିଆ ଭାଷା ଆମର ଅସ୍ମିତା ଓ ଗୌରବ। ତେଣୁ ଆମେ ଭାଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଲେଖକ ସାମୁଖ୍ୟର ରବିନ୍ଦ୍ରନାଥ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ବୈକୁଣ୍ଠନାଥ ସ୍ୱାଇଁ, ଅଖିଳ ବିଶ୍ୱାଳ, ପ୍ରଶନ୍ନ ପଣ୍ଡା, ରାଜ କିଶୋର ପାଢ଼ୀ, କୈଳାସ ବେହେରା, ରବୀନ୍ଦ୍ର ନାଥ ରଥଙ୍କ ସମେତ ୧୪ଟି ଜିଲାର ଭାଷାପ୍ରେମୀ ଏଥିରେ ଯୋଗଦେଇ ନିଜ ମତ ରଖିଥିଲେ। ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପରିଡ଼ା ସବୁ ଜିଲାର ଓଡ଼ିଆ ଭାଇଭଉଣୀ ଏହି ଆନ୍ଦୋଳନରେ ଯୋଗଦେଇ ଆମ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ପର୍ଯ୍ୟନ୍ତ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।